# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**08 October - 2023**

**News Editor : ITISHREE SINGH RATHAUR**

*********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ବାୟୁସେନାର ପ୍ରତିଷ୍ଠା ଦିବସ ଅବସରରେ ନୂତନ ଧ୍ୱଜାକୁ ଉନ୍ମୋଚନ କଲେ ଏୟାର ଚିଫ୍ ମାର୍ଶାଲ

- ଭବିଷ୍ୟତ ପିଢ଼ିକୁ ସୁନାଗରିକଭାବେ ଗଢ଼ିତୋଳିବା ପ୍ରତ୍ୟେକ ବିଦ୍ୟାଳୟର ଲକ୍ଷ୍ୟ ହେବା ଉଚିତ୍, କହିଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ

- ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ କଟକ ବାଦାମବାଡିର ପୁରୀ-ଅନୁଗୁଳ ବସ୍‌ଷ୍ଟାଣ୍ଡରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପାଠାଗାର

ଏବଂ

- କଟକରେ ଆଜି ଅନୁଷ୍ଠିତ ହେଉଛି ଅନ୍ତିମ ପର୍ଯ୍ୟାୟ ଗଣେଶ ଭସାଣ ସମାରୋହ; ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨୫ ପ୍ଲାଟୁନ୍ ଫୋର୍ସ୍ ମୁତୟନ

# ବାୟୁସେନା ଦିବସ

ଭାରତୀୟ ବାୟୁସେନା ଆଜି ତାର ୯୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଉତ୍ତରପ୍ରଦେଶ ପ୍ରୟାଗରାଜର ବାମରାଉଲି ବାୟୁସେନା କେନ୍ଦ୍ରଠାରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଛି। ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶଲ ଭି.ଆର୍.ଚୌଧୁରୀ, ପ୍ରତିରକ୍ଷାବାହିନୀ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ କେନ୍ଦ୍ରୀୟ ଏୟାର କମାଣ୍ଡ ଜେନେରାଲ ଅଫିସର ଇନ୍ କମାଣ୍ଡ ଏୟାର ମାର୍ଶାଲ ଆର୍.ଜି.କେ କପୁର ଏହି ପ୍ୟାରେଡ୍ ଉତ୍ସବରେ ଅଭିବାଦନ ଗ୍ରହଣ କରିଛନ୍ତି । ଏୟାରଚିଫ୍ ମାର୍ଶାଲ ବିମାନବାହିନୀର ୪ଟି ଶାଖାକୁ ପଦକ ପ୍ରଦାନ କରିଛନ୍ତି । ଷୋଡଶ ସ୍କ୍ୱାର୍ଡନ, ୧୪୨ ହେଲିକପ୍ଟର ୟୁନିଟ୍, ୯୦୧ ସିଗ୍ନାଲ ୟୁନିଟ୍ ଏବଂ ତିନି ବେସ୍ ରିପ୍ୟାର ଡିପୋକୁ ବିଚକ୍ଷଣ ସେବା ପ୍ରଦାନ ପାଇଁ ଏହି ପଦକ ଦିଆଯାଇଛି ।

ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶଲ ଭି.ଆର୍.ଚୌଧୁରୀ ଆଜି ନୂତନ ଧ୍ୱଜାକୁ ଉନ୍ମୋଚନ କରିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ବାୟୁସେନା ଦିବସର ବିଷୟବସ୍ତୁ ରହିଛି 'ଆଇ.ଏ.ଏଫ୍ ଏୟାରପାୱାର ବିଅଣ୍ଡ ବାଉଣ୍ଡାରିଜ୍'। ଚଳିତବର୍ଷ ଏପର୍ଯ୍ୟନ୍ତ ବାୟୁସେନା ବିଭିନ୍ନ ମିତ୍ରରାଷ୍ଟ୍ରଙ୍କ ସହ ୮ଟି ମିଳିତ ସମରାଭ୍ୟାସ କରିସାରିଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲ୍କା ଏୟାରକ୍ରାଫ୍ଟ ମଧ୍ୟ ଏଥିରେ ସାମିଲ ହୋଇଥିଲା। ଏହି ଅବସରରେ ଚିତ୍ତାକର୍ଷକ ବିମାନ ଉଡାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଭାରତୀୟ ବାୟୁସେନା ଅଧିକାରୀ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା

ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଭାରତୀୟ ବାୟୁସେନାକୁ ଦୃଢ଼ ଏବଂ ସଶକ୍ତ ପ୍ରହରୀ ବୋଲି ବିବେଚନା କରିଛନ୍ତି । ସବୁ ପ୍ରକାର ସମସ୍ୟାକୁ ଯେକୌଣସି ସମୟରେ ସମ୍ମୁଖୀନ ହେବାର ସାହସ ଭାରତୀୟ ବାୟୁସେନା ପାଖରେ ରହିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଭାରତୀୟ ବାୟୁସେନାର ସାହସ, ପରାକ୍ରମ ଓ ସମର୍ପଣ ପାଇଁ ଭାରତ ଗର୍ବିତ । ସେମାନଙ୍କର ନିଃସ୍ୱାର୍ଥପର ସେବା ଓ ବଳିଦାନ ପାଇଁ ଦେଶର ଆକାଶପଥ ସୁରକ୍ଷିତ ବୋଲି ସେ କହିଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୋସିଆଲ୍ ମିଡିଆ ପୋଷ୍ଟ ମାଧ୍ୟମରେ ଭାରତୀୟ ବାୟୁସେନାର ସାହସ ଓ ସମର୍ପଣକୁ ପ୍ରଶଂସା କରିଛନ୍ତି । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାୟୁସେନାର ଅଧିକାରୀ ଓ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭବିଷ୍ୟତ ବଂଶଧରଙ୍କୁ ବାର୍ତ୍ତା–ରାଜ୍ୟପାଳ

ଭବିଷ୍ୟତ ପିଢ଼ିଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବା ପ୍ରତ୍ୟେକ ବିଦ୍ୟାଳୟର ଲକ୍ଷ୍ୟ ହେବା ଉଚିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ସମାଜ ଏବଂ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ହେଲେ ଭବିଷ୍ୟତ ପିଢ଼ି ଉତ୍ତମ ଚରିତ୍ର ସମ୍ପନ୍ନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ଏ କ୍ଷେତ୍ରରେ ଶିକ୍ଷାନୁଷ୍ଠାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । **ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ଦୋଳସାହି ସ୍ଥିତ ଗୁଆମାଳ ବୀଣାପାଣି ସରକାରୀ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଅବସରରେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ ଏହା କହିଛନ୍ତି । ଏହି ସମାରୋହରେ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ

ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣଜୟନ୍ତୀ ସମାରୋହ ୩ ଦିନ ଧରି ଅନୁଷ୍ଠିତ ହେଉଛି। ଏହି ଅବସରରେ ରାଜ୍ୟପାଳ ହାଇସ୍କୁଲର ଏକ ସ୍ମରଣିକାକୁ ଉନ୍ମୋଚିତ କରିଥିଲେ।

## ପ୍ରାଣୀ ସମ୍ପଦର ସୁରକ୍ଷା

ରାଜ୍ୟରେ ପ୍ରାଣୀସମ୍ପଦର ସୁରକ୍ଷା ଏବଂ ସେମାନଙ୍କର କଲ୍ୟାଣ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି। ନୂତନ ଗୋଶାଳା ନିର୍ମାଣ ପାଇଁ ବେସରକାରୀ ସଂସ୍ଥା ଏବଂ ପ୍ରାଣୀ କଲ୍ୟାଣ ଅନୁଷ୍ଠାନକୁ ସହାୟତା ପ୍ରଦାନ କରାଯାଉଛ ବୋଲି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୋଶାଳା ଏବଂ ପ୍ରାଣୀ ସହାୟତା ହେଲ୍ପଲାଇନ୍ ନମ୍ବର ସମ୍ପର୍କିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏହା କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏପର୍ଯ୍ୟନ୍ତ ୮୦ଟି ପଞ୍ଜୀକୃତ ଗୋଶାଳା ରହିଛି। ବୁଲା ଏବଂ ଅସହାୟ ପଶୁପକ୍ଷୀଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟବ୍ୟାପୀ ପ୍ରାଣୀସହାୟତା ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ୧୯୬୨ ନମ୍ବରକୁ ଡାଏଲ୍ କଲେ ବୁଲା ଏବଂ ଅସହାୟ ପଶୁପକ୍ଷୀଙ୍କ ପାଖରେ ଚିକିତ୍ସା ସୁବିଧା ପହଞ୍ଚି ପାରୁଛି।

## ବାହାନଗା ଶବ ସତ୍କାର

ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ପାରି ନଥିବା ୨୮ଟି ମୃତଦେହର ଅନ୍ତିମ ସଂସ୍କାର କରାଯିବ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସଂସ୍କାର ପ୍ରକ୍ରିୟାର

ଭିଡିଓଗ୍ରାଫି କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଭୁବନେଶ୍ୱର ଏମ୍ସର ଶବାଗାରରେ ଥିବା ଏହି ମୃତଦେହଗୁଡ଼ିକୁ  ହସ୍ତାନ୍ତରଠାରୁ ଆରମ୍ଭ କରି ସଂସ୍କାର ଯାଏଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ।  ଭରତପୁର ଶ୍ମଶାନରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ, ଡିଏନ୍ଏ ଟେଷ୍ଟ ପରେ ବି ଏହି ମୃତଦେହଗୁଡ଼ିକର ଚିହ୍ନଟ ହୋଇପାରି ନାହିଁ ।

## ଅତ୍ୟାଧୁନିକ ପାଠାଗାର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମାଜବାଦୀ ନେତା ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ଏକ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ପାଇଁ  ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି । ଏହି ପାଠାଗାର କଟକର ପୁରୀ-ଅନୁଗୁଳ ବସ୍ଷ୍ଟାଣ୍ଡ ବାଦାମବାଡିଠାରେ ପ୍ରତିଷ୍ଠା କରାଯିବ । ମୁଖ୍ୟମନ୍ତ୍ରୀ ଏଥିପାଇଁ  ୩୦ କୋଟି ୫୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ପ୍ରସ୍ତାବକୁ ମଧ୍ୟ ମଞ୍ଜୁର କରିଛନ୍ତି । ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍ଙ୍କ କଟକ ଗସ୍ତ ସମୟରେ ସ୍ୱର୍ଗତଃ ପଣ୍ଡିତଙ୍କ ସ୍ମୃତିରେ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ପାଇଁ କଟକବାସୀଙ୍କ ମତକୁ ଗ୍ରହଣ କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି । ଏଠାରେ ଏକ ବଡ଼ ପଠନକକ୍ଷ ରଖାଯିବ ।  ଯେଉଁଠି ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ  ପ୍ରସ୍ତୁତି କରିପାରିବେ ।

ସୂଚନାଯୋଗ୍ୟ, କଟକର ଡଗରପଡାଠାରେ ଜନ୍ମଗ୍ରହଣ  କରିଥିବା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ । ଏହାପରେ ସମାଜବାଦୀ ଆନ୍ଦୋଳନରେ ଯୋଗଦେଇ ଦଳିତ ଓ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିଲେ । ତାଙ୍କ ନାମରେ ପାଠାଗାର ପ୍ରତିଷ୍ଠା ଦ୍ୱାରା ସ୍ୱର୍ଗତ ପଣ୍ଡିତଙ୍କ ସ୍ମୃତିକୁ ଉପଯୁକ୍ତ ସମ୍ମାନ

ମିଳିବା ସହ ତାଙ୍କ ଅବଦାନରେ ଯୁବପିଢ଼ି ଅନୁପ୍ରାଣିତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ପ୍ରଶ୍ନପତ୍ରବ୍ୟାଙ୍କ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତଦୁଇ ବୋର୍ଡ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ବ୍ୟାଙ୍କ ଗଠନ ହୋଇଛି । ପରିଷଦର ୱେବସାଇଟ୍ chseodisha.nic.in ରେ ଏହା ଉପଲବ୍ଧ ରହିଛି । ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ପଦାର୍ଥବିଜ୍ଞାନ, ରସାୟନବିଜ୍ଞାନ, ଗଣିତ ଏବଂ ଉଦ୍ଭିଦ ଓ ପ୍ରାଣୀବିଜ୍ଞାନ ଭଳି ୫ଟି ବିଷୟର ପ୍ରଶ୍ନପତ୍ର ଉପଲବ୍ଧ ହେଉଛି ।  ଏ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଲାଗି ଯୁକ୍ତଦୁଇ କଲେଜଗୁଡ଼ିକର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି ।  ଆଗାମୀ ବୋର୍ଡ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ ହେବା ଲାଗି ଏହା ସହାୟକ ହେବ ବୋଲି ପରିଷଦ ଆଶା କରିଛି ।

## ଗ୍ରାଉଣ୍ଡ ରେଣ୍ଟ ଛାଡ

ଚଳିତବର୍ଷ ପାର୍ବଣ ସମୟରେ କଟକ ମହାନଗର ନିଗମ ଅଂଚଳରେ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପୂଜାସମିତି ଏବଂ ସ୍ଥାନୀୟ ବିଧାୟକଙ୍କ ଅନୁରୋଧ ଓ ଜନସାଧାରଣଙ୍କ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଭାବନାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି । ସରକାରୀ ଯାଗାରେ ସାମୟିକ ଭାବରେ ବିଭିନ୍ନ ପୂଜା ସମିତି ପକ୍ଷରୁ ନିର୍ମିତ ହେଉଥିବା  ମଣ୍ଡପ ପାଇଁ ଗ୍ରାଉଣ୍ଡ ରେଣ୍ଟକୁ ଛାଡ କରାଯିବାକୁ କୁହାଯାଇଛି । ଏହି ନିଷ୍ପତ୍ତି

ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ଏବଂ କାର୍ତ୍ତିକେଶ୍ୱର ପୂଜା ସମୟରେ ବଳବତ୍ତର ରହିବ ।

# ଗଣେଶ ଭସାଣ

କଟକରେ ଆଜି ତୃତୀୟ ତଥା ଅନ୍ତିମପର୍ଯ୍ୟାୟ ଗଣେଶ ଭସାଣ ଚାଲିଛି । ୨୨୧ରୁ ଊର୍ଦ୍ଧ୍ୱ ପ୍ରତୀମା ବିସର୍ଜିତ ହେବା ପାଇଁ ସମ୍ପୃକ୍ତ କ୍ଲବ ଓ କମିଟିଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଇଛି । ଏଥିଲାଗି ସିଏମ୍‌ସି ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ କରାଯାଇଛି । ସହରର ବିଭିନ୍ନ ରାସ୍ତାରେ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଉଛି । ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨୫ପ୍ଲାଟୁନ୍ ଫୋର୍ସ ସମେତ ୧୫୦ରୁ ଅଧିକ ସୁରକ୍ଷା ଅଧିକାରୀ ମୁତୟନ ହୋଇଥିବା କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି । ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଯାଞ୍ଚକୁ କଡ଼ାକଡ଼ି କରାଯିବା ସହିତ ରାତି ୧୦ଟାରେ ସମସ୍ତ ବାଜା ବନ୍ଦ କରାଯିବ ବୋଲି ପୁଲିସ୍ କହିଛି ।

# ଶିମିଳିପାଳ

ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ୧୪ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ଏନେଇ ଶମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଏକ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି । ପୂର୍ବପରି ଦୈନିକ ୩୫ଟି ଗାଡି ଯଶୀପୁର ଓ ୨୫ଟି ଗାଡ଼ି ପିଠାବଟା ଦେଇ ପ୍ରବେଶ କରିପାରିବ । ଏହି ୨ଟି ତନଖି ଫାଟକରେ ସକାଳ ୯ଟାରୁ ୬ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଅନୁମତିପତ୍ର ପାଇପାରିବେ ।

## ସାଇବର ସଚେତନତା

**ମାଲକାନଗିରି** ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରେ ସାଇବର ଅପରାଧ ନେଇ ସଚେତନତା କାର୍ଯ୍ୟକ୍ରମ ଆଜି ନୁଷ୍ଠିତ ହୋଇଛି।  ଏହି ଅବସରରେ ୱାକାଥନ ଏବଂ ମୋଟର ସାଇକଲ ଶୋଭାଯାତ୍ରା ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରୁ ବାହାରି ଡିଏନ୍‌କେ ଛକ, ପୁରୁଣା ମେଡିକାଲ ଛକ ଏବଂ ମହାବିଦ୍ୟାଳୟ ଦେଇ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ସମୟରେ ଜନସାଧାରଣଙ୍କୁ ସାଇବର ଅପରାଧ ନେଇ ସଚେତନ କରାଯିବା ଲାଗି ଅଂଶଗ୍ରହଣକାରୀ ବିଭିନ୍ନ ପ୍ଲାକାର୍ଡମାନ ଧରିଥିଲେ। ଏହି ଶୋଭାଯାତ୍ରାରେ ପୁଲିସ୍ କର୍ମଚାରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ।

## ଦୀପ୍‌ଗ୍ରେସ୍ ଏକ୍କା

ଚୀନ୍‌ର ହାଙ୍ଗ୍‌ଝୌଠାରେ ଅନୁଷ୍ଠିତ ଏସୀୟ କ୍ରୀଡାରେ ବ୍ରୋଞ୍ଜ ପଦକ ଜିତିଥିବା ମହିଳା ହକି ଦଳରେ ସାମିଲ ଓଡ଼ିଆ ଖେଳାଳୀ ଦୀପଗ୍ରେସ୍ ଏକ୍କାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୀପଗ୍ରେସ୍ ଏକ୍କା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ଦେଶର ଖେଳାଳୀମାନଙ୍କ ପାଇଁ ସେ ଆଶା, ଆକାଂକ୍ଷା ଓ ଗର୍ବର ପ୍ରତୀକ ସାଜିଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳୀ ଓ ସହାୟକ କର୍ମଚାରୀଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଥିଲେ। ସୂଚନା ଅନୁସାରେ, ଚଳିତବର୍ଷ ଭାରତ ଏସୀୟ କ୍ରୀଡାରେ ୨୮ଟି ସ୍ୱର୍ଣ୍ଣ, ୩୮ଟି

ରୌପ୍ୟ ଏବଂ ୪୧ଟି କାଂସ୍ୟ ପଦକ ହାସଲ କରି ମୋଟ ୧୦୭ ପଦକ ସହ ଇତିହାସ ସୃଷ୍ଟି କରିଛି ।

*********************************